**ରାସ୍ତାକଡ଼ରେ ପଡ଼ିଛି ଅଳିଆ, ପ୍ରଶାସନ ନୀରବ**

କୁକୁଡାଖଣ୍ଡି: କୁକୁଡାଖଣ୍ଡି ବ୍ଲକରେ ବାଟବଣା ହେଉଛି ସ୍ୱଚ୍ଛ ଭାରତ ଅଭିଯାନ। କୁଡାଖଣ୍ଡି ପଞ୍ଚାୟତ ସମିତି ସାମ୍ନା ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ପାର୍ଶ୍ୱରେ ବର୍ଷ ବର୍ଷ ଧରି ରାସ୍ତା କଡରେ ପଡ଼ି ରହିଛି କୁଢ଼ କୁଢ଼ ଆବର୍ଜନା। ଗାଈ ମଇଁଷି ପଲିଥିନ ଖାଇ ନାହିଁନଥିବା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜାତୀୟ ରାଜପଥ ୫୯ ବ୍ରହ୍ମପୁର ଆସ୍କା ମୁଖ୍ୟ ରାସ୍ତା କଡରେ ଆବର୍ଜନାକୁ ଦେଖି ପ୍ରଶାସନର ଅପାରଗତାକୁ ଲୋକେ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଗଦାଧର ପାତ୍ରଙ୍କୁ ପଚାରିବାରୁ ଏ ନେଇ କୌଣସି ଅଭିଯୋଗ ପାଇନଥିବା ବେଳେ ଦୁଇ ଦିନ ମଧ୍ୟରେ ଉକ୍ତ ସ୍ଥାନରୁ ଆବର୍ଜନା ହଟାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ପୁରୁଷୋତ୍ତମପୁର,୩।୭(ଡି.ଏନ.ଏ.):** ପୁରୁଷୋତ୍ତମପୁର ଥାନା ବେଢ଼ ସାନ ମାଧପୁର ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ମୃତକ ହେଲେ ଗିତାଞ୍ଜଳି ଦାସ (୩୫)। ଏ ନେଇ ନଂ. ୨୮୭/୨୧ରେ ମାମଲା ରୁଜୁ ହୋଇଛି। ମହିଳା ଜଣକ ନିଜେ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ କହୁଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କ ଏତଲା କ୍ରମେ, ଗିତାଞ୍ଜଳିଙ୍କ ସ୍ୱାମୀ ବିଭିନ୍ନ ସମୟରେ ନାନା ପ୍ରକାରର ନିର୍ଯାତନା ଦେଉଥିଲେ। ଶୁକ୍ରବାର ରାତିରେ ଘରେ କେହି ନଥିବାର ସୁଯୋଗ ନେଇ ଗିତାଞ୍ଜଳିଙ୍କୁ ହତ୍ୟା କରି ଘର ଦୁଲାରେ ଝୁଲାଇ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ପୋଲିସ ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ଅବସର ଦିନ ୨ ଶିକ୍ଷକଙ୍କୁ ପେନ୍‌ସନ ଆଦେଶ ପ୍ରଦାନ

**ବୁଗୁଡ଼ା,୩।୭(ଡି.ଏନ୍.ଏ.):** ବୁଗୁଡ଼ା ବ୍ଲକର ଏବିଇଓ ପୀତାମ୍ବର ବିଷୋୟୀ, ଏ.ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ହୋତା ଓ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଖଦାଳ ବେହେରା ୩୦ ତାରିଖରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ବିଇଓ ପ୍ରସନ୍ନ କୁମାର ବେହେରା ସେମାନଙ୍କୁ ପ୍ରୋଭିଜନାଲ ପେନ୍‌ସନ ଆଦେଶ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ମୁଖ୍ୟ କିରାଣି ଭାସ୍କର ଚନ୍ଦ୍ର ସାହୁ, ସୁଧାଂଶୁ ଶେଖର ନାୟକ, ମନୋରଞ୍ଜନ ମିଶ୍ର, ସୀମାଞ୍ଚଳ ସେଠୀଙ୍କ ସମେତ ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ।

### କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

**ଛତ୍ରପୁର,୩।୭(ଡି.ଏନ୍.ଏ.):** ଛତ୍ରପୁର ଭାଜପା ପକ୍ଷରୁ କରୋନା ଯୋଦ୍ଧା ତଥା ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କରୋନା ମହାମାରୀ ସମୟରେ ଖବରଦାତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା କୁହାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ପ୍ରଶାନ୍ତ କର, ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, କଣମଣା ମଣ୍ଡଳ ସଭାପତି ପଦ୍ମ ଚରଣ ସାହୁ, ଜିଲ୍ଲା ଉପସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ କୁମାର ରାଉଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଅସଦାଚରଣ, ଆକ୍ରମଣ ଅଭିଯୋଗ

**ଖଜୁରିପଡ଼ା/ବଲସକୁମ୍ପା,୩।୭(ଡି.ଏନ.ଏ.):** ଖଜୁରିପଡା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଆକ୍ରମଣା କରାଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଏତଲା କ୍ରମେ ଖଜୁରିପଡ଼ା ପୋଲିସ ନଂ. ୭୩/୨୧ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମଦ ଦୋକାନରୁ ଚୋରି

**ଖଜୁରିପଡ଼ା/ବଲସକୁମ୍ପା, ୩।୭(ଡି.ଏନ.ଏ.):** ଖଜୁରିପଡା ଥାନା ଅଧୀନରେ ଥିବା ବିଦେଶୀ ମଦ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୭୫/୨୧ରେ ମାମଲା ରୁଜୁ କରି ଖଜୁରିପଡ଼ା ପୋଲିସ ସହିତ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ୫୧ ୟୁନିଟ ରକ୍ତ ସଂଗ୍ରହ

**ଗୋପାଳପୁର,୩।୭:** ଓଡ଼ିଆ ମୋ ପରିବାର ପକ୍ଷରୁ ଗୋପାଳପୁର ନିର୍ବାଚନମଣ୍ଡଳୀ ବିଶ୍ୱନାଥପୁର ପଞ୍ଚାୟତ ହରଡ଼ଙ୍ଗ ଗ୍ରାମରେ ଶୁକ୍ରବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷ ସିଏଚ୍ ଉଷା ରାଣୀ ଓ ଜିଲା ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ବିଜେଡି ସଭାନେତ୍ରୀ ଏମ୍.ସୁଜାତା, ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ ଅଜିତ କୁମାର ଦାସ, ୫୪ ନଂ ଜିଲା ପରିଷଦ ସଭ୍ୟ ମଞ୍ଜୁଶ୍ରୀ ଦଳେଇ, ଲୁହାଙ୍ଗର ସମିତିସଭ୍ୟ ବିନୋଦ କୁମାର ମହାଙ୍କୁଡ଼, ପୂର୍ବତନ ଜିଲା ପରିଷଦ ସଭ୍ୟ ସିଏଚ ଡିଲେଶ୍ୱର ରେଡି, ହଳଦିଆପଦର ସରପଞ୍ଚ ରାଜେଶ୍ୱରୀ ଦୋରା, ବିଷ୍ଣୁପ୍ରିୟା ନାୟକ, ସସ୍ମିତା କୁମାରୀ ନାୟକ, ଦୀପକ କୁମାର ସାମନ୍ତ, କମଳା ରେଡି, ପ୍ରତାପ ଚନ୍ଦ୍ର କୋଠିଆ, ବାସନ୍ତୀ ଦାସ ଉପସ୍ଥିତ ଥିଲେ।

# ରାମେୟାପାଟଣାରେ ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ

**ଗୋପାଳପୁର, ୩।୭**

ଗତ ୬ ଦିନ ମଧ୍ୟରେ ଦକ୍ଷିଣା ପବନ ହେବା ଦ୍ୱାରା ସମୁଦ୍ର ଦିଗ ବଦଳାଇ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ରାମେୟାପାଟଣା ଗ୍ରାମରେ ୩ଟି ଘର ଭାଙ୍ଗିବା ସହ ବହୁସମ୍ପତ୍ତି ନଷ୍ଟ ହୋଇଯାଇଛି। ଏଥିପାଇଁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଶନିବାର ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ କୁମାର ସାମଲ ଓ ପ୍ଲାନିଂ ଆଣ୍ଡ ଡିଜାଇନ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ବ୍ରହ୍ମପୁର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଜୟଦୀପ ପଣ୍ଡା ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

ସୁରକ୍ଷା ପ୍ରାଚୀର ପାଇଁ ସରକାରୀ ଅନୁମୋଦନ ହୋଇସାରିଛି, ୧୦ ଦିନ ମଧ୍ୟରେ ଟେଣ୍ଡର କରାଯାଇ ଅକ୍ଟୋବର ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ସୂଚନାଥାଉକି, ୨୦୧୬ରୁ ପ୍ରତିବର୍ଷ ଉପକୂଳରେ ଥିବା ରାମେୟାପାଟଣା ଗ୍ରାମକୁ ସମୁଦ୍ର ମାଡ଼ି ଆସୁଛି। ୨୦୧୯ରେ ଏହି ଜୁଆର ମାଡ଼ି ଆସି ଗ୍ରାମରେ ପାଣି



କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରୁଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ଅଧିକାରୀ।

**ସମୁଦ୍ରର ଜୁଆର ମାଡ଼ରେ ୩ ଘର ଭାଙ୍ଗିବା ଘଟଣା**

ପଶିବା ଦ୍ୱାରା ୨୭ଟି ଘର ଭାଙ୍ଗି ଯାଇ ଏକ ସାହି ସମୁଦ୍ରରେ ଲୀନ ହୋଇଯାଇଥିଲା। ଏହାର ସମାଧାନ ପାଇଁ ସରକାରଙ୍କ ନିକଟରେ ଗ୍ରାମବାସୀ ଦାବି କରି ଆସୁଥିଲେ। ଏଠାକାର ଗ୍ରାମବାସୀ ସମୁଦ୍ରରେ ମାଛ ମାରି ଜୀବିକା ନିର୍ବାହ କରିଥାନ୍ତି। ଏହାର ସମାଧାନ ପାଇଁ ଉଚ୍ଚସ୍ତରୀୟ ବୈଷୟିକ ଟିମ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି ଅନୁଧ୍ୟାନ ସହ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଚଳିତ ବର୍ଷ ସମୁଦ୍ରର ଉଚ୍ଚ ଜୁଆର ମାଡ଼ ହେବାରୁ ଏଲ. ଭୋଗରାଜୁ, ଏଲ.ଆପନା ଓ କେ.ଭୀମାଙ୍କର ୩ଟି ଘର ଭାଙ୍ଗିଯାଇଛି।

# ତଦନ୍ତ ପାଇଁ ଚିଠି ଲେଖିଲେ ଅଧୀକ୍ଷକ

**ବାଳ ସୁଧାର ଗୃହରେ ମୋବାଇଲ ବ୍ୟବହାର ଘଟଣା**

**ବ୍ରହ୍ମପୁର ଅଫିସ,୩।୭**

ବ୍ରହ୍ମପୁର ବାଳ ସୁଧାର ଗୃହର ଅନ୍ତେବାସୀଙ୍କୁ ମୋବାଇଲ୍ ଫୋନରେ ପରିବାରବର୍ଗଙ୍କ ସହିତ କଥା ହେବା ଘଟଣାର ତଦନ୍ତ ହେବ। ଫୋନରେ କଥା କରାଇଥିବା ହାଉସ୍ ଫାଦର୍ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଏଥିପାଇଁ ଘଟଣାର ତଦନ୍ତ କରିବା ଲାଗି ବାଳ ସୁଧାର ଗୃହର ଅଧୀକ୍ଷକ ସୁପାରିସ୍ କରିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ କୁମାର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ବାଳ ସୁଧାର ଗୃହର ଜଣେ ହାଉସ୍ ଫାଦର୍ ସମରେନ୍ଦ୍ର ଗତ କିଛିଦିନ ତଳେ ମୋବାଇଲରେ ଜଣେ ଅନ୍ତେବାସୀଙ୍କୁ ତାଙ୍କ ପରିବାରବର୍ଗଙ୍କ ସହିତ କଥା କରାଇଥିଲେ। ଅନ୍ତେବାସୀ ଜଣକ ତାଙ୍କର ପରିବାର ବର୍ଗଙ୍କୁ ୫ ଶହ ଟଙ୍କା ମାଗିଥିଲେ। ପରିବାରବର୍ଗ ହାଉସ୍ ଫାଦର୍ ସମରେନ୍ଦ୍ରଙ୍କ ମୋବାଇଲ୍ ନମ୍ବରରେ ଅନ୍‌ଲାଇନ୍‌ରେ ଟଙ୍କା ପଠାଇଥିଲେ। କିନ୍ତୁ ହାଉସ୍ ଫାଦର୍ ଜଣଙ୍କ ଅନ୍ତେବାସୀଙ୍କୁ ୪ଶହ ଟଙ୍କା ଦେଇ ଶହେ ଟଙ୍କା କମିସନ ଆକାରରେ ରଖିଥିଲେ। ଏ ନେଇ ଅନ୍ତେବାସୀଙ୍କ ପରିବାରବର୍ଗ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ସମ୍ପୃକ୍ତ ହାଉସ୍ ଫାଦରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ହାଉସ୍ ଫାଦର୍ ତାଙ୍କର ଉତ୍ତର ରଖିଛନ୍ତି। ତାଙ୍କର ଉତ୍ତର ସନ୍ତୋଷଜନକ ନ ଥିବାରୁ ଘଟଣାର ତଦନ୍ତ କରାଯିବ ବୋଲି ଡିସିପିଓ କହିଛନ୍ତି।

# ରାସ୍ତା କଡ଼ରେ ବିପଦସଙ୍କୁଳ ଗଛ

**ବୁଗୁଡ଼ା,୩।୭(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଶତ୍ରୁସୋଲ ଗ୍ରାମ ନିକଟରେ ରାସ୍ତା କଡ଼ରେ ଖଣ୍ଡା ଭଳି ଝୁଲି ରହିଛି ଦରଭଙ୍ଗା ଓସ୍ତ ଗଛ। କେତେବେଳେ କାହା ଉପରେ ପଡିବ କହିବା ମୁସ୍କିଲ। ଏମିତି ଅବସ୍ଥାରେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ସବୁ ସମୟରେ ବିପଦ ମଣୁଛନ୍ତି। ଗଛ ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମଧ୍ୟ ରହିଥିବାରୁ ଗଛ ପଡିଲେ ଟ୍ରାନ୍ସଫର୍ମରର ମଧ୍ୟ କ୍ଷତି ହେବା ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ଗଛର ଗଣ୍ଡି ପୋଲା



ହୋଇ ଅଧାରୁ ଅଧିକ ଭାଗ ଖାଇ ଯିବା ସହ ରାସ୍ତା ଉପରକୁ ଝୁଙ୍କି ହୋଇ ରହିଥିବାରୁ ସାମାନ୍ୟ ପବନ ହେଲେ ପଡିଯିବାର ସମ୍ଭାବନା ରହିଛି। ଏଣୁ ବିପଦ ଘଟିବା ପୂର୍ବରୁ ଗଛ ହଟାଇବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।

# ତାମିଲନାଡୁରୁ ବସ୍‌ରେ ଫେରୁଥିବା ଶ୍ରମିକ ମୃତ

**ବ୍ରହ୍ମପୁର ଅଫିସ,୩।୭**

ତାମିଲନାଡୁ କୋଏମ୍ବାଟୁରରୁ ବସ୍‌ରେ ଫେରୁଥିବା ଜଣେ ପ୍ରବାସୀ ଶ୍ରମିକଙ୍କର ଶନିବାର ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲା ଚଣ୍ଡିପୁର ଥାନା ଗୋରେଗାଓଁର ଜୟଦେବ କୋଟାଲ (୩୨)। ଏମ୍‌କେସିଜି ଫାଣ୍ଡି ପୋଲିସ ଜୟଦେବଙ୍କ ମୃତଦେହକୁ ସଂରକ୍ଷିତ କରି ରଖିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ତାମିଲନାଡୁରୁ ଗତ ୩୦ ତାରିଖରେ ଯାତ୍ରୀବାହୀ ବସ୍ (ପିୱାଇ-୦୧-ସିବି-୫୮୪୨) ଓଡ଼ିଶା, ବିହାର ଓ ପଶ୍ଚିମବଙ୍ଗର ୧୨ ଶ୍ରମିକଙ୍କୁ ନେଇ ପାଟନା ବାହାରିଥିଲା। ବସ୍‌ଟି ଶୁକ୍ରବାର ରାତିରେ ଇଚ୍ଛାପୁରରେ ପହଞ୍ଚିବା ପରେ ଜୟଦେବଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ବ୍ରହ୍ମପୁରରେ ବସ୍ ପହଞ୍ଚିବା ପରେ ଏମ୍‌କେସିଜି ମେଡିକାଲକୁ ଆଣି କାଜୁଆଲିଟିରେ ଭର୍ତ୍ତି କରିଥିଲେ। ହେଲେ ଏମ୍‌କେସିଜିରେ ପହଞ୍ଚିବା ପୂର୍ବରୁ ହିଁ ଜୟଦେବଙ୍କ ମୃତ୍ୟୁ ଘଟିଥିଲା ବୋଲି ଡାକ୍ତର ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ବରିଷ୍ଠ କଳାକାର ସଂଘର ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର ଅଫିସ,୩।୭**

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଶନିବାର ଭିଡିଓ କନ୍‌ଫରେନ୍ସରେ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସଭାପତି ଡା. ତିରୁପତି ସାହୁ, ନାଟ୍ୟ ବିଦ୍ୟାବୃଦ୍ଧ ପ୍ରଫୁଲ୍ଲ ବେହେରା, ବରିଷ୍ଠ ସଙ୍ଗୀତଜ୍ଞ ପଣ୍ଡିତ ସୀମାଞ୍ଚଳ ଦାସ, ସାରସ୍ୱତ ସାଧକ ପଣ୍ଡିତ ବିଶ୍ୱନାଥ ଶତପଥୀ, ନାଟ୍ୟ ପୁରୁଷ ଅଧ୍ୟାପକ ଗୋପାଳ ମହାରଣା ଓ ନରେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଅନ୍‌ଲାଇନ୍ ଅତିଥି ଭାବରେ ଯୋଗ ଦେଇଥିଲେ। କରୋନା ସମୟରେ ବହୁବାର ସରକାରୀ ସହାୟତା ନିମନ୍ତେ ଆବେଦନ କରିବା ପରେ କୌଣସି ସହାୟତା ନ ପାଇ ଦୁର୍ବିଷହ ସ୍ଥିତିରେ ଥିବା କଳାକାରଙ୍କୁ ସଂଘ ସହଭାଗିତା ମାଧ୍ୟମରେ ଯଥାସାଧ୍ୟ ସହାୟତା କରିଆସୁଛି। ପରସ୍ପରର ଅଭାବ ଅସୁବିଧା ଦୂର କରିବା ପାଇଁ ପ୍ରୟାସ ନିମନ୍ତେ ସଂଘ ପକ୍ଷରୁ କରାଯାଇଥିବା ଘୋଷଣାକୁ ପ୍ରଶଂସା କରିବା ସହିତ ଏହା କଳାକାର ସମାଜକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାରେ ସମର୍ଥ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସଂଘ କାର୍ଯ୍ୟଧାରା ସମ୍ପର୍କରେ ବିବରଣୀ ରଖିଥିଲେ। ସଂଘର ଅନ୍ୟାନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସିଲ୍ ହେଲା କେଏଫ୍‌ସି ଦୋକାନ

**ପଞ୍ଚସୂତ୍ରୀ ନିୟମ ଉଲ୍ଲଂଘନ ଅଭିଯୋଗ**

**ବ୍ରହ୍ମପୁର ଅଫିସ୍,୩।୭**

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ବ୍ରହ୍ମପୁର ସହରରେ ନୂଆ କରି ଖୋଲିଥିବା କେଏଫ୍‌ସି ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନକୁ ବିଏମ୍‌ସି ଶନିବାର ସିଲ୍ କରିଛି। ସହରର କେତେକ କମ୍ପ୍ଲେକ୍ସ ରୋଡରେ ନୂତନ ଭାବେ ନିର୍ମିତ ହେଉଥିବା ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ କେଏଫ୍‌ସି ନାମକ ଏକ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଶୁକ୍ରବାର ଉଦ୍‌ଘାଟିତ ହୋଇଥିଲା। ଉକ୍ତ ପ୍ରତିଷ୍ଠାନରେ ଖାଦ୍ୟ ଖାଇବା ଓ ଖାଦ୍ୟ ଅର୍ଡର ନିମନ୍ତେ ଦୋକାନ ସମ୍ମୁଖରେ



ବିଏମ୍‌ସି ପକ୍ଷରୁ ଦୋକାନ ସିଲ୍।

ପ୍ରବଳ ଭିଡ ଜମିଥିଲା, ଯେଉଁଠି ଜିଲା ପ୍ରଶାସନର ପଞ୍ଚସୂତ୍ରୀ ନିୟମ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକରୀ ତରୁଣକାନ୍ତଙ୍କ ନେତୃତ୍ୱରେ ଟିମ୍ ଉକ୍ତ ଦୋକାନ ଉପରେ ଚଢ଼ାଉ କରିଥିଲେ। ଟିମ୍ ଦ୍ୱାରା ଦୋକାନକୁ ସିଲ୍ କରାଯାଇ ଜନସାଧାରଣଙ୍କ ଅବଗତି ନିମନ୍ତେ ବାହାରେ ପଞ୍ଚସୂତ୍ରୀ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଦୋକାନ ସିଲ୍ ହୋଇଥିବା ସୂଚନା ଦିଆଯାଇଛି।

# ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଗିରଫ

**ଭଞ୍ଜନଗର,୩।୭(ଡି.ଏନ.ଏ)**

**ମହିଳା ଯନ୍ତ୍ରୀଙ୍କ ଆତ୍ମହତ୍ୟା ଘଟଣା**

ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଏଷ୍ଟିମେଟର ଜେ. ଅନିତା ଆତ୍ମହତ୍ୟା ଘଟଣାରେ ପୋଲିସ ଶନିବାର ତାଙ୍କର ଜଣେ ସହକର୍ମୀ ଯନ୍ତ୍ରୀଙ୍କୁ ଗିରଫ କରିଛି। ସେ ହେଲେ ଏଷ୍ଟିମେଟର ସହଦେବ ମଢ଼େଇ। ଦଫା ୩୭୬ (ବଳାତ୍କାର), ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ମାମଲା ନଂ. ୨୬୭/୨୧ ରେ ସହଦେବଙ୍କୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭଞ୍ଜନଗର ସ୍ୱତନ୍ତ୍ର ଉପକାରଗାରକୁ ପଠାଇ ଦିଆଯାଇଛି। ପୋଲିସ ଏକ ସୁଇସାଇଡ୍ ନୋଟ, ମୋବାଇଲ ଫୋନ ଓ ଭିଡିଓ କ୍ଲିପିଂ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ବ୍ରହ୍ମପୁରର ଜେ. ଅନିତା ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟ କରୁଥିବା ଯୋଗୁ ଲଣ୍ଡେଇସାହିରେ ଭଡ଼ାଘର ନେଇ ଏକାକୀ ରହୁଥିଲେ। ଗତ ୨୪ ତାରିଖରେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପରିବାର



ଗିରଫ ଯନ୍ତ୍ରୀ ସହଦେବ ମଢ଼େଇ।

ଲୋକେ କାର୍ଯ୍ୟାଳୟରେ କାର୍ଯ୍ୟ ଚାପ ଯୋଗୁ ଅନିତା ଆତ୍ମହତ୍ୟା କରିଥିବା ସେ ସମୟରେ ଜଣାଇଥିଲେ। ଏହାର ୪ ଦିନ ପରେ ମୃତ ଅନିତାଙ୍କ ମୋବାଇଲ ଫୋନରୁ ତାଙ୍କ ଭଉଣୀ କିଛି ତଥ୍ୟ ପାଇବା ପରେ ଯନ୍ତ୍ରୀ ସହଦେବଙ୍କ ବିରୋଧରେ ଗତ ୨୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେହିଦିନ ଏକ ମାମଲା ରୁଜୁ କରି ଗତ ସୋମବାର ସହଦେବଙ୍କୁ ପଚରାଉଚରା ପାଇଁ ନେଇଥିଲା। ତଦନ୍ତ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ମୁଦଲାଙ୍କ ପକ୍ଷରୁ ଅଶୋକ ଗୌଡ଼ ଏବଂ ତାଙ୍କ ସହଯୋଗୀ ମାନେ ମାମଲା ପରିଚାଳନା କରୁଛନ୍ତି।

# ଲଘୁ ଖଣିଜ ଉପରେ ନଜର ରଖିବ ଜିଲାସ୍ତରୀୟ ଟିମ

**ଛତ୍ରପୁର,୩।୭(ଡି.ଏନ୍.ଏ.)**

ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲରେ ଭିଡିଓ କନଫରେନ୍ସରେ ରାଜସ୍ୱ ସମୀକ୍ଷା ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ରଥ ଗାଁକୁ ଗାଁ ବୁଲି ଲୋକଙ୍କଠାରୁ ତହସିଲ ସମ୍ପର୍କିତ ସମସ୍ତ ଆବେଦନ ପତ୍ର ଗ୍ରହଣ ଜାରି ରଖିବା, ରାଜସ୍ୱ ରଥ ଜରିଆରେ ଲୋକେ ଯେଭଳି ଅଭିଯୋଗ ପତ୍ର ଦାଖଲ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଉପଜିଲାପାଳ ପୃଷ୍ଟି କହିଛନ୍ତି। ଯେଉଁ ମାନଙ୍କ ପଟ୍ଟା ହୋଇଯାଇଛି ସେମାନଙ୍କ ଘରକୁ ଯାଇ ପଟ୍ଟା ପ୍ରଦାନ, ସମସ୍ତ ଲଘୁ ଖଣିଜ ଖାଦାନକୁ ଯାଇ ତଦନ୍ତ କରି ଧାର୍ଯ୍ୟ ଖଣିଜଠାରୁ ଅଧିକା ନେଉଛନ୍ତି କି ଏହା ଉପରେ କଡା ନଜର ରଖିବାକୁ କୁହାଯାଇଛି। ଏହି ସବୁକୁ ତଦାରଖ କରିବା ପାଇଁ ଜିଲାସ୍ତରୀୟ ଏକ ଟିମ ଗଠନ କରାଯାଇଛି। ସମୀକ୍ଷା



ବୈଠକରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ।

ବୈଠକରେ ଆସିଷ୍ଟାଣ୍ଟ କଲେକ୍ଟର ଅଶୋକ ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ଅଖିଳ କୁମାର ସାବତ ଉପସ୍ଥିତ ଥିଲେ। ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଡ଼ି ହୋଇଥିଲେ।

# ଦଳ ବଦଳ ନେତାଙ୍କୁ ଗୁରୁତ୍ୱ ଦେଉନି ବିଜେଡି

**ବ୍ରହ୍ମପୁର ଅଫିସ,୩।୭**

**ଗଞ୍ଜାମ ଜିଲା ରାଜନୀତି**

**ଫାଇଦାରେ ଶେଖର, ବିକ୍ରମ, ନିତ୍ୟାନନ୍ଦ**

ଗଞ୍ଜାମ ଜିଲା ରାଜନୀତିରେ ଦଳ ବଦଳ ନେତାଙ୍କୁ ଗୁରୁତ୍ୱ ଦେଉନାହିଁ ବିଜେଡି। ଗତ ୧୨ ବର୍ଷରେ ଯେଉଁମାନେ ପୁରୁଣା ଦଳ ଛାଡ଼ି ଶଙ୍ଖ ଶିବିରକୁ ଆସିଥିଲେ ସେମାନେ କୋଣଠେସା ହୋଇଛନ୍ତି। କେବଳ ଚନ୍ଦ୍ରଶେଖର ସାହୁ, ବିକ୍ରମ ପଣ୍ଡା ଓ ନିତ୍ୟାନନ୍ଦ ପ୍ରଧାନଙ୍କୁ ଫାଇଦା ମିଳିଛି। ୧୯୮୫ ଓ ୧୯୯୫ ନିର୍ବାଚନରେ ହିଞ୍ଜିଳିକାଟୁ ଆସନରୁ ଦୁଇଥର କଂଗ୍ରେସ ବିଧାୟକ ହୋଇଥିଲେ ଉଦୟନାଥ ନାୟକ। ୨୦୦୦ ଓ ୨୦୦୪ ନିର୍ବାଚନରେ ସେହି ନିର୍ବାଚନ ମଣ୍ଡଳୀରୁ ନାୟକ ବିଜେଡି ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କ ସହ ଲଢ଼ି ମର୍ଯ୍ୟାଦାଜନକ ଭୋଟ ପାଇ ପରାସ୍ତ ହୋଇଥିଲେ। ୨୦୦୯ ନିର୍ବାଚନ ପୂର୍ବରୁ ସେ ବିଜେଡିରେ ସାମିଲ ହୋଇଥିଲେ। ଏହାର ୧୨ ବର୍ଷ ବିତିଛି ଏବଂ ତାଙ୍କୁ ଗୁରୁତ୍ୱ ଦିଆଯାଇ ନଥିବାରୁ ସାଧାରଣ କର୍ମୀ ଭାବେ ରହିଛନ୍ତି। ଛତ୍ରପୁର ବିଧାନସଭା କ୍ଷେତ୍ରରୁ ୨୦୦୯ ନିର୍ବାଚନରେ ସିପିଆଇ ବିଧାୟକ ହୋଇଥିଲେ ଆଦିକନ୍ଦ ସେଠୀ। ସେହି ଆସନ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିବାରୁ ବିଜେଡିରୁ ଟିକେଟ ପାଇବା ଆଶାରେ ୨୦୧୪ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଶଙ୍ଖ ଦଳରେ ଯୋଗ ଦେଇଥିଲେ। ତାଙ୍କର ପୁଣି ବିଧାୟକ ହେବା ସ୍ୱପ୍ନ ମଉଳି ଯାଇଛି। ସେ ମଧ୍ୟ ନିରାଶ ହୋଇଛନ୍ତି। କବିସୂର୍ଯ୍ୟନଗରରୁ ଦୁଇଥର ବିଧାୟକ ଏବଂ ସିପିଆଇ ରାଜ୍ୟ ସମ୍ପାଦକ ହୋଇଥିଲେ ନିତ୍ୟାନନ୍ଦ ପ୍ରଧାନ। ବାମପନ୍ଥୀ ଦଳରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେବାରୁ ୨୦୦୯ ଲୋକସଭା ନିର୍ବାଚନରେ ତାଙ୍କୁ ଆସିକା ଆସନରୁ ପ୍ରାର୍ଥୀ କରାଗଲା। ଦଳ ବଦଳରୁ ସେ ବିପୁଳ ଭୋଟ ବ୍ୟବଧାନରେ ଜିତି ପାର୍ଲାମେଣ୍ଟ ଯିବାର ସୁଯୋଗ ପାଇଥିଲେ।

ସେହିପରି ବରିଷ୍ଠ କଂଗ୍ରେସ ନେତା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ୨୦୦୯ ଓ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିଲେ।

୨୦୧୯ ନିର୍ବାଚନ ପୂର୍ବରୁ ତାଙ୍କୁ ବିଜେଡି ଗୁରୁତ୍ୱ ଦେଇ ଦଳରେ ସାମିଲ କରିବା ସହ ନିର୍ବାଚନ ଲଢ଼ିବାକୁ ପ୍ରାର୍ଥୀ କଲା। ସେ ବ୍ରହ୍ମପୁର ଏମପି ହୋଇଛନ୍ତି। ବିକ୍ରମ ପଣ୍ଡା ବ୍ରହ୍ମପୁର ବିଧାନସଭା ଆସନରୁ ୨୦୦୦ରୁ ୨୦୧୪ ମଧ୍ୟରେ ହୋଇଥିବା ୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ଲଗାତର ଭାବେ ପରାସ୍ତ ହୋଇଥିଲେ। ସେ ମଧ୍ୟ ଗତ ନିର୍ବାଚନ ପୂର୍ବରୁ ଶଙ୍ଖ ଦଳରେ ସମର୍ପିତ ହେବାରୁ ବିଜେଡି ଟିକେଟ ପାଇଲେ। ବହୁ ଭୋଟ ବ୍ୟବଧାନରେ ଜିତିବାରୁ ତାଙ୍କ ବିଧାୟକ ହେବା ସ୍ୱପ୍ନ ସାକାର ହୋଇଛି।

ଅପରପକ୍ଷରେ ଏହି ୧୨ ବର୍ଷ ମଧ୍ୟରେ ବ୍ରହ୍ମପୁର ଓ ଛତ୍ରପୁରର ପୂର୍ବତନ କଂଗ୍ରେସ ବିଧାୟକ ଯଥାକ୍ରମେ ଶିବ ଶଙ୍କର ସାହାଣୀ ଓ ଅଶୋକ ଚୌଧୁରୀ, ପୂର୍ବତନ ଗଞ୍ଜାମ ଜିଲା କଂଗ୍ରେସ ସଭାପତି ଦାନିଏଲ ଦାସ ଓ ଭଗବାନ ଗନ୍ତାୟତ ଦଳରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଛନ୍ତି। ଉପଯୁକ୍ତ ମର୍ଯ୍ୟଦାରୁ ଏହି ୩ ଜଣ ବଂଚିତ ହୋଇଛନ୍ତି। ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଭାଜପାରୁ ଇସ୍ତଫା ଦେଇ ଶଙ୍ଖ ଦଳକୁ ଯାଇଛନ୍ତି। ସେ ୨୦୧୯ ଲୋକସଭା ନିର୍ବାଚନରେ ବ୍ରହ୍ମପୁରରୁ ଟିକେଟ ପାଇବା ଆଶା ରଖିଥିଲେ। ୨୦୧୮ ତିତଲି ବାତ୍ୟାରେ ଛାରଖାର ହୋଇଥିବା ଗଜପତି ଜିଲାର ଦୁର୍ଗମ ଇଲାକାରେ ବୁଲି ବିପନ୍ନଙ୍କ ସେବା କରିଥିଲେ। ହେଲେ ବିଜେଡି ପ୍ରାର୍ଥୀତ୍ୱରୁ ବଞ୍ଚିତ ହୋଇଗଲେ। ତାଙ୍କୁ ପ୍ରଥମେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଓ ଏବେ କୃଷି ବିପଣନ ନିଗମର ଉପଦେଷ୍ଟା ଭାବେ ଥଇଥାନ କରାଯାଇଛି। ମାନଙ୍କୁ ଦଳବଦଳ ମହଙ୍ଗା ପଡ଼ିଛି।

### ଅମାନିଆ ଗଣିଲେ ୯ ହଜାର

**ଶେରଗଡ଼,୩।୭(ଡି.ଏନ୍.ଏ.)**

ଶେରଗଡ଼ ଚାରିଛକରେ ପୋଲିସ ଶନିବାର ମାସ୍କ ଓ ହେଲ୍‌ମେଟ ପିନ୍ଧି ନ ଥିବା ବ୍ୟକ୍ତିମାନଙ୍କଠାରୁ ୯ ହଜାର ଜରିମାନା ଆଦାୟ କରିଛି। ଆସନ୍ତା ୧୬ ପର୍ଯ୍ୟନ୍ତ ଶେରଗଡ଼ର ବିଭିନ୍ନ ସ୍ଥାନରେ କରାଯିବ। ଏଥିସହିତ ଅମାନିଆଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯିବ ବୋଲି ଥାନାଧିକାରୀ କୁମାରୀ ସାମନ୍ତ ରାୟ କହିଛନ୍ତି।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for "Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar." Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (Electrical)
AIIMS, Bhubaneswar

